# ଠିକ୍ ଉତ୍ତର ବାଛ

ଆମ ପୃଥିବୀପୃଷ୍ଠରେ ବିଭିନ୍ନ ପ୍ରକାରର ଜୀବ ଅଛନ୍ତି । ସେମାନଙ୍କର ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ଓ ବିଭିନ୍ନତା ରହିଛି । ଏହି ବିବିଧତା ଥିବା ସତ୍ତ୍ୱେ ସେମାନଙ୍କର ଏକତ୍ର ସହବସ୍ଥାନକୁ ______ କୁହାଯାଏ । ଏହି ଯେଉଁ ବିବିଧତା ଦେଖାଦେଇଛି ତାହା ପ୍ରକୃତିରେ କୋଟିକୋଟି ବର୍ଷର ______ ର ପରିଣତି । ସେମାନଙ୍କ ମଧ୍ୟରୁ ଅନେକ ଜୀବଙ୍କ ବିଲୁପ୍ତି ହୋଇସାରିଲାଣି । ______ ହେଉଛି ଏହି ଜୀବ ବିଲୁପ୍ତିର ମୂଳ କାରଣ । ପୃଥିବୀରେ ପ୍ରାୟ ______ ରୁ ଅଧିକ ଜାତିର ଜୀବ ଅଛନ୍ତି । ସେମାନଙ୍କ ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବାକୁ ହେଲେ ସେମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ନେଇ ଶ୍ରେଣୀ ବିଭାଗ କରାଯାଇଛି । ବୈଜ୍ଞାନିକ ଭାଷାରେ ଏହି ପଦ୍ଧତିକୁ ______ କୁହାଯାଏ ।

ସିଡ଼େନ୍‌ର ବୈଜ୍ଞାନିକ ______ ଙ୍କୁ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଆଧୁନିକ ବୈଜ୍ଞାନିକ ନାମକରଣ ଓ ଶ୍ରେଣୀ ବିଭାଗ ପଦ୍ଧତିର ଜନକ ବୋଲି କୁହାଯାଏ । ସେ ପ୍ରଥମେ ______ ନାମକ ପୁସ୍ତକରେ ତାକୁ ଉପସ୍ଥାପନା କରିଥିଲେ । ତାଙ୍କ ଦ୍ୱରା ଉପସ୍ଥାପିତ ପ୍ରାୟ ସମସ୍ତ ନିୟମ ______ ଦ୍ୱାରା ଗୃହୀତ ଓ ନିୟନ୍ତ୍ରିତ ହୋଇଛି । ଏହି ପଦ୍ଧତି ଅନୁସାରେ ସବୁଠାରୁ କ୍ଷୁଦ୍ରତମ ବିଭାଗକୁ ______ କୁହାଯାଏ । ଆଗକାଳରେ ଜୀବଜଗତର ଶ୍ରେଣୀବିଭାଗ ପାଇଁ ______ କୁ ଗୁରୁତ୍ୱ ଦିଆଯାଉଥିଲା । କିନ୍ତୁ ଆଧୁନିକ ପଦ୍ଧତିରେ ବାହ୍ୟ ଲକ୍ଷଣ ସହିତ ______, ______ ଓ ______ କୁ ବିଚାର କରାଗଲା । ଏକାଧିକ ଜାତିକୁ ନେଇ ______ ଗଠନ କରାଗଲା ।

ଲିନିୟସ୍‌ଙ୍କ ଦ୍ୱାରା ପ୍ରବର୍ତ୍ତିତ ଦ୍ୱିପାଦ ନାମକରଣ ପଦ୍ଧତିକୁ ______ କୁହାଯାଏ । ପ୍ରତ୍ୟେକ ନାମରେ ଦୁଇଟି ନାମ ଥାଏ । ପ୍ରଥମ ନାମକୁ ______ ଓ ଦ୍ୱିତୀୟ ନାମକୁ ______ କୁହାଯାଏ । ପ୍ରଜାତିର ନାମଟି ______ ଶବ୍ଦରୁ ଆନିତ । କିନ୍ତୁ ଜାତିସୂଚକ ନାମଟି ଉକ୍ତ ଜାତିର ______, କିମ୍ବା ପ୍ରଥମେ ବର୍ଣ୍ଣନା କରିଥିବା ______ କିମ୍ବା ଜୀବର ______ ଉପରେ ପର୍ଯ୍ୟବେସିତ ।

ଦ୍ୱିପଦ ନାମଗୁଡ଼ିକୁ ଇଂରାଜୀ ଅକ୍ଷରରେ ଲେଖିଲାବେଳେ, ପ୍ରଜାତି ଓ ଜାତି ପଦର ତଳେ ______ ଭାବରେ ରେଖାଙ୍କନ କରାଯାଏ, କିମ୍ବା ଇଟାଲୀୟ ହସ୍ତଲିପି ଭଳି ______ ଅକ୍ଷରରେ ଲେଖାଯାଏ । ପ୍ରଜାତିର ପ୍ରଥମ ଅକ୍ଷରଟି ______ ଓ ଜାତିର ପ୍ରଥମ ଅକ୍ଷରଟି ______ ରେ ଲେଖାଯାଏ ।

LIVEWORKSHEETS